# ଓଡିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ

ଶିକ୍ଷାସୌଧ, ୟୁନିଟ୍- ୫, ଭୁବନେଶ୍ୱର – ୭୫୧୦୦୧

ବିଜ୍ଞାପନ ସଂଖ୍ୟା ୯୮୩୬ ତା. ୧.୧୨.୨୦୧୭

## ବିଜ୍ଞାପନ

### ବିଜ୍ଞାପନ ସଂଖ୍ୟା ୧୨୫୧୧ ତା. ୨୬.୧୨.୨୦୧୬ ରିଖର ଦୈନିକ ସମ୍ବାଦ ପତ୍ର ମାନଙ୍କରେ ପ୍ରକାଶିତ ବିଜ୍ଞାପନ ଉପରେ ଶୁଦ୍ଧିପତ୍ର

ଏତଦ୍‌ଦ୍ୱାରା ସମସ୍ତଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓପେପା ଦ୍ୱାରା ପୂର୍ବରୁ ପ୍ରକାଶିତ ବିଜ୍ଞାପନ ସଂଖ୍ୟା ୧୨୫୧୧ ତା. ୨୬.୧୨.୨୦୧୬ ରିଖ ଅନୁଯାୟୀ ରାଜ୍ୟର ବିଭିନ୍ନ ରାଜସ୍ୱ ଜିଲ୍ଲାରେ ଥିବା ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଖାଲି ପଡିଥିବା ସର୍ବମୋଟ ୧୪୦୮୭ଟି ଶିକ୍ଷା ସହାୟକ / ସହାୟିକା ପଦବୀ ପୂରଣ ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଥିଲା । ପରବର୍ତ୍ତୀ ସମୟରେ ମାନ୍ୟବର ଉଚ୍ଚନ୍ୟାୟାଳୟ, ଓଡ଼ିଶାଙ୍କର WP(C) ସଂଖ୍ୟା ୫୨୫/୨୦୧୭ ଓ ସମୂହ ମୋକଦ୍ଦମାର ନିର୍ଦ୍ଦେଶାନୁଯାୟୀ ରାଜ୍ୟ ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତାଙ୍କର ପତ୍ର ସଂଖ୍ୟ ୨୩୩୨୨ ତା. ୩୦.୧୧.୨୦୧୭ ରିଖରେ ଏକ ଶୁଦ୍ଧିପତ୍ର ପ୍ରକାଶ କରିଛନ୍ତି। ଉକ୍ତ ଶୁଦ୍ଧିପତ୍ର ଅନୁଯାୟୀ, ଯେଉଁ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନେ ତା. ୨୬.୧୨.୨୦୧୬ ରିଖ ସୁଦ୍ଧା ଅନ୍ୟାନ୍ୟ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଥାଇ କେବଳ +୨ ଓ +୩ ପରୀକ୍ଷାରେ ୪୫% ଏବଂ ତଦୁର୍ଦ୍ଧ୍ୱ ମାତ୍ର ୫୦% ରୁ କମ୍ ନମ୍ବର ଥିବାରୁ Online ମାଧ୍ୟମରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବେଦନ କରିପାରିନଥିଲେ, ସେମାନେ ତା ୧୩.୧୨.୨୦୧୭ ରିଖ ମଧ୍ୟରେ OPEPA website i.e www.opepa.in ରେ Online ମାଧ୍ୟମରେ ପୂର୍ବ ନିର୍ଦ୍ଧାରିତ ଫର୍ମରେ ଉପରୋକ୍ତ ସମୟସୀମା ମଧ୍ୟରେ ଆବେଦନ କରିପାରିବେ ଏବଂ ପୂର୍ବ ପ୍ରକାଶିତ ବିଜ୍ଞାପନରେ ରଖାଯାଇଥିବା ଅନ୍ୟାନ୍ୟ ସମସ୍ତ ସର୍ତ୍ତ ଅପରିବର୍ତ୍ତିତ ରହିଛି ।

ଯେଉଁ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନେ ତା.୨୬.୧୨.୨୦୧୬ ରିଖର ବିଜ୍ଞାପନ ଅନୁଯାୟୀ ପୂର୍ବରୁ ଆବେଦନ କରିଛନ୍ତି ସେମାନେ ପୁନର୍ବାର ଆବେଦନ କରିବାର କୌଣସି ଆବଶ୍ୟକତା ନାହିଁ ।

ଯେଉଁ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନେ ତା.୨୬.୧୨.୨୦୧୬ ରିଖରେ ପ୍ରକାଶିତ ବିଜ୍ଞାପନ ଅନୁସାରେ ଆବଶ୍ୟକ ଯୋଗ୍ୟତା ଥାଇ ମଧ୍ୟ ତା. ୦୯.୦୨.୨୦୧୭ ରିଖ ସୁଦ୍ଧା ଆବେଦନ କରିନଥିଲେ ସେମାନଙ୍କର ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

Online ମାଧ୍ୟମରେ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୧୩.୧୨.୨୦୧୭ କୁ ଧାର୍ଯ୍ୟ କରାଯାଇଅଛି। ଏହା ବ୍ୟତୀତ ଅନ୍ୟ କୌଣସି ମାଧ୍ୟମରେ ପ୍ରାପ୍ତ ଦରଖାସ୍ତ ଗ୍ରହଣଯୋଗ୍ୟ ନୁହେଁ ।

ଏହି ସମ୍ବନ୍ଧୀୟ ସମସ୍ତ ତଥ୍ୟ OPEPA website i.e www.opepa.in ରେ ଉପଲବ୍ଧ ହେବ । ତେଣୁ ସଂପୃକ୍ତ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନେ ଏ ସଂକ୍ରାନ୍ତରେ ଆବଶ୍ୟକ ସୂଚନା ପାଇବା ପାଇଁ OPEPA website କୁ ଦେଖିବା ପାଇଁ ପରାମର୍ଶ ଦିଆଯାଉଅଛି ।

ସ୍ୱା/-

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ

ଓପେପା, ଭୁବନେଶ୍ୱର